# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 21 March – 2026

# ଶିକ୍ଷା ବଜେଟ୍

ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ଖର୍ଚ୍ଚଦାବି ଗତକାଲି ବିଧାନସଭାରେ ପାରିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧ ହଜାର ୯୯୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଏବଂ ଉଚ୍ଚଶିକ୍ଷା ବିଭାଗ ପାଇଁ ୩ ହଜାର ୬୬୪ କୋଟି ୪୦ ଲକ୍ଷ ଟଙ୍କା ମଂଜୁର ହୋଇଛି । ଛାତ୍ରୀମାନଙ୍କର ସଶକ୍ତିକରଣ ନିମନ୍ତେ ଆସନ୍ତା ଆର୍ଥିକବର୍ଷରେ ରାଜ୍ୟ ସରକାର 'ଶକ୍ତିଶ୍ରୀ' ଯୋଜନାରେ ୧୫ କୋଟି ଟଙ୍କା ଖର୍ଚ୍ଚ କରିବେ । ରାଜ୍ୟର ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ 'ଶକ୍ତିଶ୍ରୀ' ସଶକ୍ତିକରଣ କେନ୍ଦ୍ର ସ୍ଥାପନ କରାଯାଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଦିଆଯିବ । ଆସନ୍ତା ଆର୍ଥିକବର୍ଷରେ ରାଜ୍ୟ ସରକାର ୨୦ ହଜାର ଶିକ୍ଷକ ପଦ ପୂରଣ  କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏଥିସହିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ୧ ହଜାର ୧୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଦ୍ୟାଳୟ ଶିକ୍ଷାକୁ ଗୁଣାତ୍ମକ କରିବା ସହିତ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ମାଗଣା ପାଠ୍ୟପୁସ୍ତକ ଦେବା ନେଇ ଆର୍ଥିକ ମଂଜୁରୀ ପ୍ରସ୍ତାବ ଗତକାଲି ବିଧାନସଭାରେ ଗୃହୀତ ହୋଇଛି ।

# ମୁଖ୍ୟମନ୍ତ୍ରୀ- ସମୀକ୍ଷା

କଟକ ମହାନଦୀ କୂଳର ୪୨୬ ଏକର ଅଞ୍ଚଳକୁ ୨୧୦ କୋଟି ଟଙ୍କା ବ୍ୟୟରେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ୍‌ର ନିର୍ଦ୍ଦେଶ ଅନୁଯାୟୀ ୨୮୪ ଏକର ଜାଗାରେ ସବୁଜ ବଳୟ ସୃଷ୍ଟି କରାଯିବ ଏବଂ ଅବଶିଷ୍ଟ ଅଞ୍ଚଳରେ ଜାତୀୟ ସ୍ତରର ଏକ ଆକର୍ଷଣୀୟ ପ୍ରକଳ୍ପ ଭାବେ ବିକଶିତ କରାଯିବ। ଧବଳେଶ୍ୱର ମନ୍ଦିର ସୌନ୍ଦର୍ଯ୍ୟକରଣ ସହିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ନିକଟସ୍ଥ ପଠାକୁ ମଧ୍ୟ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

# ଅଶୋକାଷ୍ଟମୀ ରଥଯାତ୍ରା

ଚଳିତବର୍ଷ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ଅଶୋକାଷ୍ଟମୀ ରଥଯାତ୍ରା ଆସନ୍ତା ୨୬ ତାରିଖରେ ଏବଂ ବାହୁଡ଼ା ଯାତ୍ରା ୩୦ ତାରିଖରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି । ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ରୁତୁରାଜଙ୍କ ଅଧ୍ୟକ୍ଷତାରେ ଗତକାଲି ଏ ସଂକ୍ରାନ୍ତରେ ହୋଇଥିବା ବୈଠକରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରଥଯାତ୍ରା ସଂପର୍କିତ ନୀତିନିର୍ଘଣ୍ଟ ସ୍ଥିର ହେବା ସହିତ ରଥଯାତ୍ରାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ମନ୍ଦିର ପରିଚାଳନା କର୍ତ୍ତୃପକ୍ଷଙ୍କ ସମେତ ଭୁବନେଶ୍ୱର ମହାନଗର ନିଗମ ଏବଂ ଅନ୍ୟ ବିଭାଗ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

## ଇଦ୍-ଉଲ୍-ଫିତର

ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନେ ଆଜି ପବିତ୍ର  ଇଦ୍-ଉଲ୍-ଫିତର ପାଳନ କରୁଛନ୍ତି । ଏକ ମାସ ଧରି ରୋଜା ଶେଷ ହେବା ପରେ ଆଜି ଇଦ୍ ପାଳନ ପୂର୍ବକ ମସଜିଦ୍ ଓ ଇଦ୍‌ଘା ପଡିଆରେ ସମୂହ ନମାଜପାଠ ଅନୁଷ୍ଠିତ ହେଉଛି । ଇଦ୍ ଉପଲକ୍ଷେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଶାନ୍ତି, ମୈତ୍ରୀ ଓ ଉଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବାକୁ ରାଜ୍ୟପାଳ ତାଙ୍କ ବାର୍ତ୍ତାରେ କହିଛନ୍ତି ।    ମୁଖ୍ୟମନ୍ତ୍ରୀ    ମୋହନ ଚରଣ ମାଝୀ ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି ।  ଇଦ୍ ପର୍ବ ପାଇଁ କଟକ, ସମ୍ବଲପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

## ଯଯାତି ମହୋତ୍ସବ

ଯାଜପୁର ଜିଲ୍ଲା ଯଯାତି ମହୋତ୍ସବକୁ ଗତକାଲି ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସୁଭଦ୍ରା ଶକ୍ତି ଓ ପଲ୍ଲୀଶ୍ରୀମେଳାକୁ ଉଦ୍‌ଘାଟନ କରିବା ସହିତ ଏକ ସ୍ମରଣିକା 'ଯଯାତି-୨୦୨୬'ର ଉନ୍ମୋଚନ କରିଥିଲେ ।

## କର୍ମଶାଳା

ପ୍ରଶାସନିକ କାର୍ଯ୍ୟରେ ଦକ୍ଷତା ବୃଦ୍ଧି ଓ ଲୋକମାନଙ୍କୁ ସ୍ୱଚ୍ଛ ଏବଂ ତ୍ୱରିତ ସେବା ଯୋଗାଇଦେବା ଲକ୍ଷ୍ୟରେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର-ଓକାକ୍ ଦ୍ୱାରା କୃତ୍ରିମ ବୁଦ୍ଧିମତ୍ତା ସଂପର୍କିତ ଏକ କର୍ମଶାଳା ନୟାଗଡ଼ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କ ପାଇଁ ଆୟୋଜିତ ହୋଇଯାଇଛି । ଜିଲ୍ଲାପ୍ରଶାସନର ୫୦ରୁ ଊର୍ଦ୍ଧ୍ୱ ଅଧିକାରୀ ପ୍ରଶିକ୍ଷଣ ଶିବିରରେ ଭାଗ ନେଇ କୃତ୍ରିମ ବୁଦ୍ଧିମତ୍ତା ସଂପର୍କିତ ଜ୍ଞାନ ଆହରଣ କରିଥିଲେ ।

## ବିଶ୍ୱ ଜଙ୍ଗଲ ଦିବସ

ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ଏବଂ ପୁନରୁଦ୍ଧାରକୁ ନେଇ ଲୋକମାନଙ୍କ ଭିତରେ ସଚେତନ ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ଜଙ୍ଗଲ ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷର ବାର୍ତ୍ତା ରହିଛି 'ଜଙ୍ଗଲ ଓ ଅର୍ଥନୀତି' । ଜଙ୍ଗଲ ବିନା ଜୀବନ ଅସମ୍ଭବ । ବିଗତ କିଛିବର୍ଷ ଧରି ଜଙ୍ଗଲ କ୍ଷୟ ଯୋଗୁଁ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ବନ୍ୟା, ମରୁଡ଼ି ଭଳି ଅନେକ ସମସ୍ୟା ଦେଖାଦେଉଛି । ଜଙ୍ଗଲରେ ଲାଗୁଥିବା ନିଆଁ ଯୋଗୁଁ ବନ୍ୟ ସମ୍ପଦ ଏବଂ ବନ୍ୟପ୍ରାଣୀ ଧ୍ୱଂସ ପାଉଛନ୍ତି, ଯାହାର ପ୍ରଭାବ ଜୈବ ବିବିଧତା ଉପରେ ଦେଖାଦେଉଛି । ୨୦୧୨ ମସିହା ନଭେମ୍ବର ୨୮

ତାରିଖରେ ଜାତିସଂଘ ଅନ୍ତର୍ଜାତୀୟ ଜଙ୍ଗଲଦିବସ ପାଳନ କରିବା ଲାଗି ନିଷ୍ପତ୍ତି ନେଇଥିଲା ।

## ବନ୍ୟପ୍ରାଣୀ ପରିଷଦ ବୈଠକ

ରାଜ୍ୟରେ ବନ୍ୟପ୍ରାଣୀମାନଙ୍କ ସଂରକ୍ଷଣ ଏବଂ ଏ କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟ ବନ୍ୟପ୍ରାଣୀ ପରିଷଦର ସ୍ଥାୟୀ କମିଟି ବୈଠକରେ ୬ଟି ବିକାଶମୂଳକ ପ୍ରସ୍ତାବ ଉପସ୍ଥାପିତ ହୋଇଛି । ବନ୍ୟପ୍ରାଣୀଙ୍କ ସମୃଦ୍ଧି ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଅନୁଗୁଳ ଓ ମୟୂରଭଞ୍ଜ ଜିଲ୍ଲାରେ ୩ଟି ପ୍ରସ୍ତାବ ଜଳସେଚନ ପ୍ରକଳ୍ପ ସହିତ ଜଡ଼ିତ ରହିଛି ।  ଅନ୍ୟ ତିନୋଟି ପ୍ରସ୍ତାବ ମଧ୍ୟରେ ସାତକୋଶିଆ, ଶିମିଳିପାଳ ଓ ଚନ୍ଦକା ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀମାନଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା ।

## ସଂକ୍ଷିପ୍ତ ସମ୍ବାଦ

ମାଲକାନଗିରି ଜିଲ୍ଲାପାଳ ଅରବିନ୍ଦ ରାଜସିର୍କେ ଗତକାଲି ଜିଲ୍ଲାରେ ବିମାନ ବନ୍ଦର ନିର୍ମାଣର ଅଗ୍ରଗତି ଓ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି ।

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆର୍ଥିକ ସାକ୍ଷରତା, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଓ ସାଇବର ସଚେତନତା କାର୍ଯ୍ୟକ୍ରମରେ ଡାକ

ବିଭାଗ, ବ୍ୟାଙ୍କ ଅଧିକାରୀ ଓ ସାଇବର ସୁରକ୍ଷା ବିଶେଷଜ୍ଞମାନେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ ।

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅନ୍ତର୍ଗତ ମାଇଁ ଯୁବ ଭାରତ ବରଗଡ଼ ପକ୍ଷରୁ ଝାରବନ୍ଧ ବ୍ଲକର ଶିମୁଳିଖୋଲଠାରେ ଶହୀଦ ଭଗତ ସିଂଙ୍କ ଫାଶୀ ଦିବସକୁ ଶହୀଦ ଦିବସ ଭାବେ ପାଳନ କରିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

---